## ସଂକ୍ଷେପରେ

### ମାଟି ଦବି ଜମିରେ ଗର୍ତ୍ତ



ତାଳଚେର,୧୫।୧(ନି.ପ୍ର.): ତାଳଚେର ପୌରାଞ୍ଚଳ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଡା ତେଲିସାହିର ଅକ୍ଷୟ କୁମାର ସାହୁଙ୍କ ଚାଷ ଜମିରେ ମାଟି ଦବି ଏକ ଗର୍ତ୍ତ ସୃଷ୍ଟି ହୋଇଛି। ବୁଧବାର କେତେଜଣ ଗ୍ରାମବାସୀ ଏହା ଦେଖିବାକୁ ପାଇଥିଲେ। ଚାଷ ଜମିର ପାଣି ଉକ୍ତ ଗର୍ତ୍ତରେ ପଶୁଥିବାରୁ ତାହା ଧୀରେ ଧୀରେ ବଡ଼ ହେଉଥିବା ଜଣାପଡ଼ିଛି। କୋଇଲା ଖଣି ଯୋଗୁ ଏଭଳି ଘଟିଥିବା ଗ୍ରାମବାସୀ ଅଭିଯୋଗ କରି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ତେବେ ପୋଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ତହସିଲଦାର ଗୌରୀ ନାଏକ, ତାଳଚେରରେ ଉପସ୍ଥିତ ଥିବା ଏମ୍‌ସିଏଲ୍‌ର ସିଏମ୍‌ଡି, ଅନ୍ୟ ବରିଷ୍ଠ ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ସନ୍ଧ୍ୟାରେ ଖଣି ଉଚ୍ଚ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହ ବୈଠକରେ ଏ ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ଉକ୍ତ ସ୍ଥାନକୁ ବ୍ୟାରିକେଡ କରାଯାଇଛି।

### ଗିରାଙ୍ଗରେ ମକରମେଳା

ବଥଁରପାଳ,୧୫।୧(ଡି.ଏନ.ଏ.): ବଥଁରପାଳ ବ୍ଲକ ଗିରାଙ୍ଗ ବାଲିସାହିଠାରେ ଥିବା ତାରିଣୀ ମନ୍ଦିରରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମା'ଙ୍କ ଯଥାରୀତି ପୂଜାର୍ଚ୍ଚନା ସହ ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ପ୍ରଶାନ୍ତ ଗଡ଼ନାୟକ, କର୍ଣ୍ଣ ଗଡ଼ନାୟକ, ଦୀପକ ଗଡ଼ନାୟକ, ଗଡୁଆ ଗଡ଼ନାୟକ, ବଳିଆ ଗଡ଼ନାୟକ, ଶିଶିର ପଟ୍ଟନାୟକ, ବାପି ଗଡ଼ନାୟକ, ବିରଞ୍ଚି ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ମାଧପୁର,୧୫।୧:** ଆଠମଲ୍ଲିକ ବ୍ଲକ ମାଧପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପ୍ରିୟଦର୍ଶୀ ହୋତା ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ପ୍ରଶାନ୍ତ ପୁରୋହିତ, ଖେଳ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଶିକ୍ଷକ ନେତ୍ରାନନ୍ଦ ନାୟକ ଏବଂ ଚତୁର୍ଭୁଜ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଖେଳକୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏଥିରେ ସଫଳତା ପାଇଥିବା ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଅନୁଗୋଳ ଦେଲା ପରିମଳ ପରୀକ୍ଷା

# ର୍‌ୟାଙ୍କ ଉପରେ ସଭିଙ୍କ ନଜର

**ଅନୁଗୋଳ ଅଫିସ, ୧୫।୧**

ଅନୁଗୋଳ ସହର କେତେ ସଫାସୁତୁରା ଅଛି ତାହା ବୁଲି ଦେଖିଛନ୍ତି ସ୍ୱଚ୍ଛ ସର୍ବେକ୍ଷଣ ଟିମ୍। ସହରର ବିଭିନ୍ନ ସ୍ଥାନକୁ ଯାଇ ଏହି ଟିମ୍ ପରିମଳ ସ୍ଥିତି ପରଖିଥିବାବେଳେ ଏବେ ମାର୍କ ଉପରେ ସଭିଙ୍କ ନଜର ରହିଛି। ଗତ ୨୦୧୯ରେ ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ଓଡ଼ିଶାରେ ଅନୁଗୋଳ ମ୍ୟୁନିସିପାଲିଟି ୧ମ ସ୍ଥାନରେ ରହିଥିଲା। ମାତ୍ର ଏଥର ପରିମଳ କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ମଝିରେ ସଫେଇ କର୍ମଚାରୀଙ୍କ ଅସହଯୋଗ କାରଣରୁ ସମସ୍ୟା ଉପୁଜିଥିଲା। ତେବେ ନୂଆ ଠିକା ସଂସ୍ଥା ପରିମଳ ବ୍ୟବସ୍ଥା ହାତକୁ ନେବା ପରେ ସଫେଇ କାର୍ଯ୍ୟ ଚାଲିଥିବାରୁ ଏଥର ର୍‌ୟାଙ୍କ ଉପରକୁ ଉଠିବ ନା ତଳକୁ ଖସିଯିବ ତାହାକୁ ନେଇ କର୍ତ୍ତୃପକ୍ଷ ଆଶା ଆଶଙ୍କାରେ ଅଛନ୍ତି।

ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜାନୁୟାରୀ ପ୍ରଥମ ସପ୍ତାହରୁ ସାରା ଭାରତରେ ଆରମ୍ଭ ହୋଇଛି ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ। ଏହି କ୍ରମରେ ଅନୁଗୋଳ ମ୍ୟୁନିସିପାଲିଟି ପରିମଳ ପରୀକ୍ଷା ଦେଇଛି। ମୋଟ ୬ ହଜାର ମାର୍କରେ ହୋଇଥିବା ଏହି ପରୀକ୍ଷାକୁ ୪ଟି ବିଭାଗ ସିଟିଜେନ୍ ଫିଡ୍‌ବ୍ୟାକ (ନାଗରିକଙ୍କ ମତ), ଡାଇରେକ୍ଟ ଅବଜରଭେଶନ୍ (ବିଭିନ୍ନ ସ୍ଥାନରେ ପରିମଳ ସ୍ଥିତି ଯାଞ୍ଚ), ସର୍ଭିସ୍ ଲେଭୁଲ୍ ପୋଗ୍ରେସ (ସେବା ଅଗ୍ରଗତି) ଓ ମ୍ୟୁନିସିପାଲ ଡକ୍ୟୁମେଣ୍ଟଶନ୍ (କାଗଜପତ୍ରରେ ପରିମଳ ସମ୍ବନ୍ଧୀୟ ତଥ୍ୟ)ରେ ବିଭକ୍ତ କରାଯାଇଛି। ବୁଧବାର ଏକ ଦୁଇ ଜଣିଆ ଟିମ୍ ପ୍ରଥମ ପର୍ଯ୍ୟାୟରେ ସହରର ପରିମଳ ସ୍ଥିତି ପରଖିଛନ୍ତି। ବିଶେଷକରି ଡେଲିମାର୍କେଟ, ହୁଲୁରିସିଂହା, ମାଟିଆସାହି, ମିଶ୍ରପଡ଼ା ଛକ, ବିଇଡି କଲେଜ ଅଞ୍ଚଳ, ସୌଭାଗ୍ୟନଗର, ରାଜକିଶୋରପଡ଼ା, ଶିମିଳପଡ଼ା, ଅମଲାପଡ଼ା, ହେମସୁରପଡ଼ା, ବଜାର ଛକ ଆଦି ପରିଦର୍ଶନକରି କମିଟି ପରିମଳ ସ୍ଥିତି ଯାଞ୍ଚ କରିଥିଲେ। ଆବାସିକ ଅଞ୍ଚଳକୁ ବି ଯାଇ ବୁଲି ଦେଖିଥିଲେ। ନାଗରିକଙ୍କ ମତ ଓ ପରିମଳ ସ୍ଥିତି ଦେଖି ଟିମ୍ ସନ୍ତୋଷ ପ୍ରକାଶ କରିଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଟିମ୍ ସଦସ୍ୟମାନେ ପରିମଳ ସ୍ଥିତି ପରଖିବା ପରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ସେମାନଙ୍କ ମାନଦଣ୍ଡ ପୂରଣ କରିପାରିବ ବୋଲି ଆଶା କରାଯାଉଛି।

## ମଦ ଜବତ, ୨ ଗିରଫ

ବଇଣ୍ଡା,୧୫।୧(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଲାଁବେରେଣୀ ଗ୍ରାମରେ ହଣ୍ଡପା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଛି। ବିକାଶ ଦେହୁରୀଙ୍କ ଘର ଉପରେ ଚଢ଼ାଉ କରାଯାଇ ୪ ଲିଟର ମଦ ଜବତ ପରେ ତାଙ୍କୁ ଗିରଫ କରାଯାଇଛି। ସେହିପରି ରଞ୍ଜନ ଷଣ୍ଢଙ୍କ ଘରୁ ୫ ଲିଟର ମଦ ଜବତ ପରେ ତାଙ୍କୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତ ଚୋରା ମଦ ବିକ୍ରି କରୁଥିବା ଖବରପାଇ ଏଏସ୍‌ଆଇ ପି.କେ. ଆଇଚ ଏହି ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୯ ଓ ୧୦/୨୦ରେ ମାମଲା ରୁଜୁ କରାଯାଇଛି।

## ସଚେତନ କଲା ଜିଲା ଛାତ୍ର କଂଗ୍ରେସ

**ଅନୁଗୋଳ ଅଫିସ, ୧୫।୧**



ଛାତ୍ର କଂଗ୍ରେସ ପକ୍ଷରୁ ଥାନା ଛକରେ ସଚେତନ କରାଯାଉଛି।

ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଥାନା ଛକ, ରାଜ୍ ହୋଟେଲ ଛକ, ବସ୍‌ଷ୍ଟାଣ୍ଡ, କାଲ୍‌ଟାକ୍ସ ଛକ ଆଦି ସ୍ଥାନରେ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଆଗାମୀ ୩ ଦିନ ପର୍ଯ୍ୟନ୍ତ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ଶିକ୍ଷାନୁଷ୍ଠାନ ଆଦିରେ ଏହି କାର୍ଯ୍ୟକ୍ରମ କରାଯିବ। ବୁଧବାର ସଚେତନତା ଲିଫ୍‌ଲେଟ ବଣ୍ଟନ ସହ ଯେଉଁମାନେ ଟ୍ରାଫିକ ନିୟମମାନି ହେଲମେଣ୍ଟ, ସିଟ୍‌ବେଲ୍ଟ ଲଗାଇଥିଲେ ସେମାନଙ୍କୁ ଚକୋଲେଟ ଓ ଫୁଲ ପ୍ରଦାନ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ରାଜ୍ୟ ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦ୍ୟୁମ୍ନ ସାହୁ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲୁଟୁ ଥାପା, ପୂର୍ବତନ କାଉନସିଲର ବଲବୀର ସିଂ, ବିଦ୍ୟା ନାଏକ, ମହିଳା ସଭାପତି ସବିତା ଧୀର, ମାନସ ବିଶ୍ୱାଳ, ସଂଗ୍ରାମ ବେହେରା, ଦୀନେଶ ସାହୁ, ଅବିନାଶ ସାହୁ, ରଘୁପତି ସାହୁ, ସୁଜିତ ନାଏକ, ସୌମ୍ୟରଞ୍ଜନ ସାହୁ, ଦେବେନ୍ଦ୍ର ପ୍ରଧାନ, ଚନ୍ଦନ ନନ୍ଦ, ଅନ୍ତର୍ଯାମୀ ନନ୍ଦ, ମଦନମୋହନ ନନ୍ଦ, ଖଗେଶ୍ୱର ପ୍ରଧାନ, ସରୋଜ ସାହୁ, ବିଳାସ ସେଠୀ ପ୍ରମୁଖ ସାମିଲ ଥିଲେ।

## ବିଦ୍ୟୁତ୍ ତାର ଲାଗି ଶ୍ରମିକଙ୍କ ମୃତ୍ୟୁ

**ବନ୍ତଳା,୧୫।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅଞ୍ଚଳରେ ଥିବା ଏକ ପ୍ଲାଣ୍ଟେଶନରେ ବନ୍ୟଜନ୍ତୁ ଦାଉରୁ ଫସଲକୁ ସୁରକ୍ଷା ଦେବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଲାଗି ବୁଧବାର ଅପରାହ୍ନରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ଖୋର୍ଦ୍ଧା ଜିଲା ଚନ୍ଦକା ଥାନା ହରିଡାମୁଡା ଗ୍ରାମର କୁନୁ ପରିଡ଼ା (୧୮)। ଖବରପାଇ ବନ୍ତଳା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, କୁନୁଙ୍କ ସହ ହରିଡାମୁଡା ଗ୍ରାମର କୁନା ସ୍ୱାଇଁ, ଚିନ୍ମୟ ପରିଡା, ସିଦ୍ଧାନ୍ତ ପରିଡା, ଅକ୍ଷୟ ପରିଡା, ଅଜୟ ଦେହୁରୀ, ବିସମ୍ବର ପରିଡା, ଶ୍ରୀତମ ପରିଡା, ବିଜୟ ପରିଡା ଓ କୃଷ୍ଣ ମୋହନ ବେହେରା ଭୁବନେଶ୍ୱରର ଜଣେ ଠିକାଦାରଙ୍କ ଜରିଆରେ ଆସି ଏଠାରେ କାମ କରୁଥିଲେ। ବୁଧବାର ଅପରାହ୍ନ ୧ଟା ୧୦ରେ ଖାଇବା ପାଇଁ କ୍ୟାମ୍ପକୁ ଯାଉଥିବା ବେଳେ ବନ୍ୟଜନ୍ତୁ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ବିଛାଯାଇଥିବା ତାର ଟେକି ଯିବାକୁ କୁନୁ ଉଦ୍ୟମ କରିଥିଲେ। ଉକ୍ତ ତାରରେ ବିଦ୍ୟୁତ୍ ଥିବା ସେ ଜାଣିପାରି ନ ଥିଲେ ବୋଲି ଉପସ୍ଥିତ ଶ୍ରମିକ କୁନା, ଚିନ୍ମୟ, ସିଦ୍ଧାନ୍ତ, ଅକ୍ଷୟ, ଅଜୟ, ବିଶମ୍ବର, ଶ୍ରୀତମ, ବିଜୟ, କୃଷ୍ଣ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନ୍ତଳା ଥାନା ଦାୟିତ୍ୱରେ ଥିବା ପ୍ରୋବେଶନର ଡିଏସ୍‌ପି ସୌରଭ ଓତା କୁହନ୍ତି, ଘଟଣା ପୁରୁଣାକୋଟ ଥାନା ଅଞ୍ଚଳରେ ଘଟିଛି। ମୃତ ଶ୍ରମିକଙ୍କ ପରିବାରବର୍ଗ ରାତିରେ ପହଞ୍ଚିଛନ୍ତି। ପୁରୁଣାକୋଟ ଥାନା ଅଧିକାରୀଙ୍କୁ ଏ ନେଇ ଜଣାଯାଇଛି। ମୃତ ଶ୍ରମିକଙ୍କ ବାପା ସତ୍ୟବାଦୀ ପରିଡା (୭୦) କହିଛନ୍ତି, ମୋବାଇଲ କିଣିବା ପାଇଁ ଅର୍ଥ ଯୋଗାଡ଼ ଉଦ୍ଦେଶ୍ୟରେ ପୁଅ ଏଠାକୁ କାମ କରିବା ପାଇଁ ଆସିଥିଲା। ମୋ ପୁଅକୁ ମାରିଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ଗ୍ରାମୋଦ୍ୟୋଗ ହାଟରେ ଗୁପ୍‌ଚୁପ୍ ପ୍ରତିଯୋଗିତା



ଗୁପ୍‌ଚୁପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ପ୍ରତିଯୋଗୀ।

**ଅନୁଗୋଳ ଅଫିସ, ୧୫।୧**

ଅନୁଗୋଳଠାରେ ଚାଲିଥିବା ପଞ୍ଚମ ସ୍ୱରାଜ ଗ୍ରାମୋଦ୍ୟୋଗ ହାଟର ଚତୁର୍ଥ ସନ୍ଧ୍ୟାରେ ଗୁପ୍‌ଚୁପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହାଟ ସଦସ୍ୟ ନିରୋଧ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟଜ୍ୟୋତି ନାୟକ, ରୁଦ୍ରମୋହନ ଶତପଥୀ, ପ୍ରମୋଦ ଜେନା, ଅସିତ ସାହୁ, ଶୁଭେନ ସାମଲ, ସ୍ୱରୂପ ପାଢ଼ୀ, ମଙ୍ଗଳ ବେହେରା ଓ ଅଦ୍ୟାଶ୍ଲୋକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଣିହାଁ,୧୫।୧(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଗୁଣାତ୍ମକ ଓ ଆଧାତ୍ମିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ, ଶିକ୍ଷକ ତାରାକାନ୍ତ ବେହେରା ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟ ସଭାପତି ହରମୋହନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ କୁଞ୍ଜବିହାରୀ ବ୍ରହ୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ହରିଶଚନ୍ଦ୍ର ମିଶ୍ର, ଏସ୍‌ବିଆଇର ପୂର୍ବତନ ଅଧିକାରୀ ବିପିନ ବିହାରୀ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ହରିଶଚନ୍ଦ୍ର ଜେନା, ବିବରଣୀ ପାଠ ଓ ଅଧକ୍ଷ ସରୋଜ କୁମାର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେଦ ପାରାୟଣ ଯଜ୍ଞ

**କଣିହାଁ,୧୫।୧(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ପରମାନେନ୍ଟ୍ କଲୋନୀର ବେଦ ଭବନଠାରେ ୪୪ତମ ବେଦ ପାରାୟଣ ଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବେଦ ଭବନ ବୈଦିକ ଯଜ୍ଞାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଗୁରୁକୁଳ ଆଶ୍ରମର ମୁଖ୍ୟାଧିଷ୍ଠାତା ଓ ଶିବାନନ୍ଦ ତପୋଭୂମିର ପ୍ରତିଷ୍ଠାତା ଆଚାର୍ଯ୍ୟ ଦେବବ୍ରତଜୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଜୀ, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ, ବ୍ରହ୍ମଚାରୀ ବିଭୂତି ଜୀ ପ୍ରମୁଖ ଯୋଗଦେଇ ଯଜ୍ଞ ଓ ପ୍ରବଚନ ପ୍ରଦାନ କରିଥିଲେ। ଚାଲିଥିବା ଯଜ୍ଞରେ ମକର ସଂକ୍ରାନ୍ତି ଅବସରରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।

## ମା'ମଙ୍ଗଳା କ୍ରିକେଟ: କାଣ୍ତସର ଚାମ୍ପିୟନ

**ବଥଁରପାଳ,୧୫।୧(ଡି.ଏନ.ଏ.)**



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

ବଥଁରପାଳ ବ୍ଲକ ଗିରାଙ୍ଗ ମା'ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବୁଧବାର କାଣ୍ଡସର ୟଙ୍ଗଷ୍ଟାର କ୍ଲବ ଚାମ୍ପିୟନ ହୋଇଛି। କାଣ୍ଡସର ଟିମ୍ ପ୍ରଥମେ ବ୍ୟାଟିଂକରି ୧୮ ଓଭରରେ ୧୬୯ ରନ ସଂଗ୍ରହ କରିଥିଲା। ଜବାବରେ ସାନକେରେଜାଙ୍ଗ ଟିମ୍ ୧୫ ଓଭରରେ ୧୨୭ ରନ କରି ପରାସ୍ତ ହୋଇଥିଲା। ବୁଲୁ ସେଠୀ ଓ ସାଗର ନାୟକ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ସରୋଜ କୁମାର ମ୍ୟାନ ଅଫ୍ ଦି ମ୍ୟାଚ ଓ ସାନ କେରେଜାଙ୍ଗ ଟିମ୍‌ର ଟୁନା କୁମାର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ନାଲ୍‌କୋ ବହୁମୁଖୀ ସମବାୟ ସମିତି ସଭାପତି ମୁନା ସାମଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କୁନା ବେହେରା, ବିନୋଦ ବେହେରା, ବିଦେଶୀ ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କ୍ଲବର ଭକ୍ତଚରଣ ଗୋଚ୍ଛାୟତ, ପ୍ରଦୀପ ଗୋଚ୍ଛାୟତ, ମିଥୁନ ଗୋଚ୍ଛାୟତ, ପ୍ରଫୁଲ୍ଲ ଗୋଚ୍ଛାୟତ, ରସାନନ୍ଦ କୁମାର, ଈଶ୍ୱର ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ।

## ପଥରନାଳ ଠାକୁରାଣୀଙ୍କ ମକରଯାତ୍ରା

**ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.)**



ଯାତ୍ରା ଅବସରରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି।

ଛେଣ୍ଡିପଦା ବ୍ଲକ କୋଶଳାସ୍ଥିତ ପଥରନାଳଠାରେ ଗିରି ଗୋବର୍ଦ୍ଧନ ଠାକୁର ଓ ମା' ରାମଚଣ୍ଡୀ(ବନବାସିନୀ)ଙ୍କ ପୀଠସ୍ଥଳ ଦେହୁରୀସାହି ଏବଂ କୋଶଳା ଗ୍ରାମବାସୀଙ୍କ ସହଯୋଗରେ ମକରଯାତ୍ରା ପାଳିତ ହୋଇଯାଇଛି। ପଞ୍ଚାୟତ ଦେହୁରୀ ଓ ପ୍ରଦୀପ ଦେହୁରୀ ପୂଜା କାର୍ଯ୍ୟ କରିଥିଲେ। ଯାତ୍ରା କମିଟି ସଭାପତି ବିପିନ ବିହାରୀ ସାହୁଙ୍କ ନେତୃତ୍ୱରେ କୋଶଳା ଦେହୁରୀସାହି ସଭ୍ୟଙ୍କ ପରିଚାଳନାରେ ଦେହୁରୀସାହି ସଭାପତି ଦଣ୍ଡଧର ଦେହୁରୀ, ସମ୍ପାଦକ ସପ୍ନେଶ୍ୱର ଗଡନାୟକ ପ୍ରମୁଖ ସମସ୍ତ ସଭ୍ୟଙ୍କ ଦ୍ୱାରା ଅନ୍ନ ପ୍ରସାଦର ପରିଚାଳନା କରାଯାଇଥିଲା। ସଂକୀର୍ତ୍ତନ ଗୁରୁ ବିକ୍ରମ ବେହେରା ଓ କ୍ଷୀରମୋହନ ପ୍ରଧାନଙ୍କ ନେତୃତ୍ୱରେ ୫ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଏହି ଯାତ୍ରା ଦେଖିବାକୁ ୧୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଅସ୍ଥାୟୀ ଦୋକାନବଜାର ଖୋଲିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଛେଣ୍ଡିପଦା ପୋଲିସ ଉପସ୍ଥିତ ଥିଲା। ଗ୍ରାମ ସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦକ ପ୍ରକାଶ ସାହୁ, ଯାତ୍ରା କମିଟି ସମ୍ପାଦକ ବସନ୍ତ କୁମାର ସାହୁ, କୋଷାଧକ୍ଷ ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ମେଳା: ୬୨୨ ଜଣଙ୍କୁ ଚାକିରି ପ୍ରକ୍ରିୟା ଆରମ୍ଭ

**ଅନୁଗୋଳ ଅଫିସ, ୧୫।୧**



ଜିଲାପାଳ ନିଯୁକ୍ତି ମେଳା ଷ୍ଟଲ ପରିଦର୍ଶନ କରୁଛନ୍ତି।

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଜିଲାପାଳ ମନୋଜ କୁମାର ମହାନ୍ତି ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ପ୍ରତ୍ୟେକ ଷ୍ଟଲ ବୁଲି ଦେଖିବା ସହ ଯୋଗଦେଇଥିବା ନିଯୁକ୍ତିଦାତା ସଂସ୍ଥା ଓ ତାଲିମ ପ୍ରଦାନକାରୀ ସଂସ୍ଥା ସହିତ ଆଲୋଚନା କରିଥିଲେ। ଯୋଗ୍ୟତା ଭିତ୍ତିରେ ପିଲାମାନଙ୍କୁ ଚାକିରି ଓ ପ୍ରଶିକ୍ଷଣ ଦେବା ସହ ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମେଳା ପରିଦର୍ଶନ କରିଥିଲେ। ଜିଲା ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି ସମସ୍ତ ଆୟୋଜନ କରିଥିବାବେଳେ ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ, ୟୁକ୍ରୋସିଟ୍‌ର ଭୂଷଣ ସାହୁ ଓ ପୌରପାଳିକା ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ୮ଟି ବ୍ଲକ ଓ ୩ଟି ପୌରାଞ୍ଚଳରୁ ୧୦୬୯ ଯୁବତୀ ଓ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୨୨ ଜଣଙ୍କୁ ଚାକିରି ଦେବା ପାଇଁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରାଯାଇଛି। ବିଭିନ୍ନ ଘରୋଇ ସଂସ୍ଥାରେ ୩୭୯ ଜଣଙ୍କୁ ପ୍ରଶିକ୍ଷଣ ଦେବା, ଏୟାରଫୋର୍ସରେ ୩୦ ଜଣଙ୍କୁ କାଉନସେଲିଂ ଓ ୟୁକ୍ରୋସିଟ୍ ଦ୍ୱାରା ୩୮ ଜଣଙ୍କୁ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଛି। ଏହି ମେଳାରେ ୨୪ଟି ନିଯୁକ୍ତିଦାତା ସଂସ୍ଥା ଓ ୧୫ଟି ପ୍ରଶିକ୍ଷଣଦାତା ସଂସ୍ଥା ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ କମ୍ପାନୀରେ ଉପଲବ୍ଧ ସୁବିଧା ସୁଯୋଗ ଓ ମାସିକ ବେତନ ସମ୍ପର୍କରେ ଅବଗତ କରିଥିଲେ।

## ରଣେଶ୍ୱର ମକରଯାତ୍ରାରେ ୨୦ ହଜାର ଶ୍ରଦ୍ଧାଳୁ

**ବନ୍ତଳା,୧୫।୧(ଡି.ଏନ.ଏ.)**



ରଣେଶ୍ୱର ମନ୍ଦିର ନିକଟରେ ଶ୍ରଦ୍ଧାଳୁଙ୍କ ଗହଳି।

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମ ରଣେଶ୍ୱର ମନ୍ଦିରରେ ବୁଧବାର ମକରଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ସକାଳେ ଆରମ୍ଭ ହୋଇଥିବା ଏହି ଉତ୍ସବ ସନ୍ଧ୍ୟାରେ ଶେଷ ହୋଇଥିଲା। ଏହି ଅବସରରେ ଠାକୁରଙ୍କୁ ଦର୍ଶନ ପାଇଁ ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ରଣେଶ୍ୱର ଓ ରାମଚଣ୍ଡୀ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମର ପୂଜକ ରବି ମହାପାତ୍ରଙ୍କ ଘରୁ ଅଣାଯାଇଥିଲା। ପ୍ରତି ଘରେ ଠାକୁରଙ୍କୁ ଭୋଗ ଲଗାଯାଇଥିବା ବେଳେ ପ୍ରାୟ କୋଡିଏ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତଳା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଗ୍ରାମ ସଭାପତି ପପୁ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, କୋଷାଧକ୍ଷ ପ୍ରଦୀପ ପ୍ରଧାନ, ମନ୍ଦିର ପରିଚାଳନା କମିଟି ସଭାପତି ଭଗବାନ ପ୍ରଧାନ, ସମ୍ପାଦକ ପ୍ରଫୁଲ୍ଲ ଦେହୁରୀ, ସଭ୍ୟ ଦୀନେଶ ଦେହୁରୀ, ସୁରେଶ ଦେହୁରୀ, ଲମ୍ବୋଦର ଦେହୁରୀ, ରାଜ କିଶୋର ଦେହୁରୀ, ପ୍ରଫୁଲ୍ଲ ପ୍ରଧାନ, ପ୍ରଫୁଲ୍ଲ ସାହୁ, ମୁନା ପ୍ରଧାନ, ସୁଲଭ ଦେହୁରୀଙ୍କ ସମେତ ଗ୍ରାମବାସୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ପୂଜା ଅବସରରେ ବିଭିନ୍ନ ପ୍ରକାର ଉଠା ଦୋକାନ ପଡ଼ିଥିବା ବେଳେ ଯୁବଗୋଷ୍ଠୀ ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ପୁରୁଣାଗଡ଼ ସ୍ୱପ୍ନେଶ୍ୱର ମନ୍ଦିରରେ, ତଳଗଡ଼ ଓ ଶାବଳଭଙ୍ଗା ନୀଳକଣ୍ଠେଶ୍ୱର ମନ୍ଦିରରେ ମଧ୍ୟ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିସହ ବଳଙ୍ଗ ପଞ୍ଚାୟତରେ ଥିବା ପମ୍ପାସର ନିକଟ ଭୁରୁଭୁରା ଠାକୁରାଣୀ ପୀଠରେ ମକରଉତ୍ସବରେ ୨ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାନ୍ତମେଘ, ତଳସିରା, ପମ୍ପାସର, ହିଡିସିଙ୍ଗର ମହିଳା ଓ ପୁରୁଷମାନେ ନାମ ସଂକୀର୍ତ୍ତନ କରିଥିଲେ। ମନ୍ଦିର ସଭାପତି ଶରତ ସାହୁ, ସମ୍ପାଦକ ଟୁଟୁ ପ୍ରଧାନ, ବୁଦ୍ଧଦେବ ନାଏକ, ରାମ ପ୍ରଧାନ, ଧର୍ମୁ ସ୍ୱାଇଁ, ଦେବ ସ୍ୱାଇଁଙ୍କ ସମେତ ପମ୍ପାସର, ବଳଙ୍ଗ ଓ ତଳସିରା ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ଜାନୁୟାରୀ ୧୬ /୨୦୨୦, Dhenkanal, Thursday, January 16 / 2020

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ପାଇପ୍ ଚୋରି

ବଅଁରପାଳ,୧୫।୧(ଡି.ଏନ.ଏ.)- ନାଲ୍‌କୋ ସିପିପିରୁ ତାଳଚେର ଖଣି ଅଞ୍ଚଳକୁ ଯାଇଥିବା ଲିକ୍ସିଲ୍ଲୋରୀ ପ୍ରୋଜେକ୍ଟର ପିଙ୍ଗୁଆ ନିକଟରୁ ଗତ ୧୩ ଓ ୧୪ ତାରିଖରେ ପ୍ରାୟ ଲକ୍ଷାଧିକ ଟଙ୍କାର ପାଇପ୍ ଚୋରି ହୋଇଛି। ଏ ନେଇ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବଅଁରପାଳ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗପାଇ ପୋଲିସ ଘଟଣାର ତଦନ୍ତ କରୁଛି। ସିଆଇଏସ୍‌ଏଫ କର୍ମଚାରୀମାନେ ସୁରକ୍ଷା ଦାୟିତ୍ୱରେ ଥିଲେ ମଧ୍ୟ କିଭଳି ଏହି ଚୋରି ହେଲା ସେ ନେଇ କର୍ମଚାରୀ ମହଲରେ ଆଲୋଚନାର ବିଷୟ ହୋଇଛି।

### ଫେରାର ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୫।୧(ସ୍ୱ.ପ୍ର.): ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ରାଇଝରଣ ଗ୍ରାମରେ ଡିସେମ୍ବର ୩୧ରେ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ମାରପିଟ ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ନାରାୟଣ ସାହୁଙ୍କୁ ପୋଲିସ ବୁଧବାର ଗିରଫ କରିଛି। ପୂର୍ବରୁ ଅନ୍ୟ ଦୁଇ ଅଭିଯୁକ୍ତ ପ୍ରସନ୍ନ ସାହୁ ଓ ତାଙ୍କ ସ୍ତ୍ରୀ ପ୍ରତିଭା ସାହୁଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲୀ ପ୍ରକାଶ କରିଛନ୍ତି।

### ହୃଦ୍‌ଘାତରେ ମୃତ୍ୟୁ ସନ୍ଦେହ

ବନ୍ତଲା,୧୫।୧(ଡି.ଏନ.ଏ.)- ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ଅଭୟ ସାହୁ (୫୭)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ଭାଇ ଅଜୟ ସାହୁ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।






■ଅନୁଗୋଳ ପୋଲିସର କଡ଼ା ପଦକ୍ଷେପ

# ୮ ବ୍ରାଉନସୁଗାର ବ୍ୟବସାୟୀଙ୍କ ସମ୍ପତ୍ତି ଜବତ

ଅନୁଗୋଳ ଅଫିସ, ୧୫।୧

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଗତ ୪ ମାସ ମଧ୍ୟରେ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଗିରଫ ହୋଇଥିବା ୨୪ ଜଣଙ୍କ ମଧ୍ୟରୁ ୮ଜଣ ବ୍ୟବସାୟୀଙ୍କ ସମ୍ପତ୍ତି ଜବତ କରାଯାଇଥିବା ବେଳେ ଏବେ ତାହାକୁ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗିରଫ ୨୪ଜଣଙ୍କ ବିରୋଧରେ ୧୦ଟି ମାମଲା ରୁଜୁ ହୋଇଥିବା ବେଳେ ସେମାନଙ୍କ ନିକଟରୁ ୧୨୨.୧୪ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିବା ପୋଲିସ କହିଛି। ତଦନ୍ତ ସମୟରେ ୮ ଜଣ ବ୍ୟବସାୟୀ ଉକ୍ତ ଅର୍ଥରେ ଘର, ଗାଡ଼ି, ସୁନା ଓ ନଗଦ ଟଙ୍କା ରଖିଥିବାରୁ ତାହାକୁ ଜବତ କରାଯାଇଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି।


ପୋଲିସ ଜବତ କରିଥିବା ଗାଡ଼ି।

■୪ ମାସ ଗିରଫ ହୋଇଛନ୍ତି ୨୪ ଜଣ

■ଜବତ ହୋଇଛି ୧୯ ଲକ୍ଷ ଟଙ୍କାର ସମ୍ପତ୍ତି

■ଖୁବ୍‌ଶୀଘ୍ର ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ ହେବ

ସୂଚନା ଅନୁଯାୟୀ, ଅନୁଗୋଳ ଥାନା କୁକୁଡ଼ାଙ୍ଗ ଗ୍ରାମର ସୁବ୍ରତ ବାରିକ(୩୩)ଙ୍କୁ ପୋଲିସ ଗିରଫ କରିବା ପରେ ତଦନ୍ତ ଜୋରଦାର କରିଥିଲା। ଏହି ସମୟରେ ସୁବ୍ରତଙ୍କ ନିକଟରୁ ୫ ଲକ୍ଷ ଟଙ୍କାର ମାରୁତି ସୁଜୁକି ଡିଜିଆର୍ (ନଂ. ଓଡି୦୨ଏକ୍ସ-୫୪୭୩) ଜବତ କରାଯାଇଛି। ସେହିପରି ସେହି ଗ୍ରାମର ସୁଜ୍ଞାନୀ ଦେହୁରୀ(୩୧)ଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୦ ହଜାର ଟଙ୍କାର ସୁନା ଚେନ ଓ ୩୦ ହଜାର ଟଙ୍କାର ସ୍କୁଟି (ନଂ. ଓଡି୧୯ଏଲ୍-୬୧୦୪) ଜବତ କରାଯାଇଛି। କୁମଣ୍ଡ ଗ୍ରାମର କାଳନ୍ଦୀ ଚରଣ ସାହୁ(୪୩)ଙ୍କୁ ଗିରଫ ସହ ତାଙ୍କ ନିକଟରୁ ୨୧ ହଜାର ୩୧୦ ଟଙ୍କା ଓ ୩୦ ହଜାର ଟଙ୍କାର ସ୍କୁଟି (ନଂ. ଓଡି୧୯ଏଲ୍-୨୮୯୩)କୁ ପୋଲିସ ଜବତ କରିଛି। ନାଲ୍‌କୋ ଥାନା କୁରୁଡୁଲୁ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ(୪୦)ଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ପୋଲିସ ୬ ହଜାର ଟଙ୍କାର ଏକ ମୋବାଇଲ, ୭ ହଜାର ୬୮୦ ଟଙ୍କା ଓ ୫୦ ହଜାର ଟଙ୍କାର ନମ୍ବର ବିହୀନ ସ୍କୁଟିକୁ ଜବତ କରିଛି। ଗିରାଙ୍ଗ ଗ୍ରାମର ସନ୍ତୋଷ କୁମାର ସାହୁ(୩୭)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ତଦନ୍ତ ବେଳେ ତାଙ୍କ ନିକଟରୁ ୯ ହଜାର ୬୩୦ ଟଙ୍କା ଓ ୪୦ ହଜାର ଟଙ୍କାର ମୋଟର ସାଇକେଲ (ନଂ. ଓଆର୍୧୯ଜେ-୭୫୨୮)କୁ ଜବତ କରାଯାଇଛି। ବଳରାମପ୍ରସାଦ ଗ୍ରାମର ନଗେନ କୁମାର ବେହେରା(୨୭)ଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ତାଙ୍କ ନିକଟରୁ ୩୦ ହଜାର ଟଙ୍କାର ୧୫ଟି ମୋବାଇଲ, ୨ ଲକ୍ଷ ୯୪ ହଜାର ୬୩୦ ଟଙ୍କା ଓ ୨୦ ହଜାର ଟଙ୍କାର ମୋଟର ସାଇକେଲ (ନଂ. ଓଆର୍୦୬-୯୨୬୪)କୁ ଜବତ କରାଯାଇଛି। ବଅଁରପାଳ ଥାନା ଭୋଗବେରେଣୀ ଗ୍ରାମର ଶ୍ରୀରାମ ସାହୁ(୩୦)କୁ ଗିରଫ କରାଯାଇଥିଲା। ତଦନ୍ତ ବେଳେ ତାଙ୍କ ନିକଟରୁ ୪ ହଜାର ୫ ଶହ ଟଙ୍କାର ଏକ କାନଫୁଲ, ୩୨ହଜାର ଟଙ୍କାର ଦୁଇଟି ମୁଦି ଓ ୫୦ ହଜାର ଟଙ୍କାର ଏକ ବୁଲେଟ୍ (ନଂ. ଓଏସି-୫୨୨୩)କୁ ଜବତ କରାଯାଇଛି। ନାଲ୍‌କୋ ଥାନା କୁଲାଡ଼ ଗ୍ରାମର ପ୍ରକାଶ ସେଠ(୪୬)ଙ୍କୁ ଗିରଫ କରାଯାଇ ୨୫ ହଜାର ଟଙ୍କାର ଅଳଙ୍କାର, ୧୩ ହଜାର ଟଙ୍କାର କୁଲର, ୧୮ ହଜାର ୫ ଶହ ଟଙ୍କାର ଇନ୍‌ଭର୍ଟର, ୧୨ ହଜାର ଟଙ୍କାର ଟିଭି, ୭୫ ହଜାର ଟଙ୍କାର ମୋଟର ସାଇକେଲ (ନଂ. ଓଡି୧୯ପି-୬୩୧୮) ଓ ୬ ଲକ୍ଷ ୧୦ ହଜାର ୧୦୯ ଟଙ୍କାର କାର୍ (ନଂ. ଓଡି୧୯ପି-୧୫୯୪)କୁ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ମୋଟ୍ ଉପରେ ଏହି ୮ ବ୍ୟବସାୟୀଙ୍କ ନିକଟରୁ ୧୯ ଲକ୍ଷ ୧୯ ହଜାର ୩୫୯ ଟଙ୍କାର ସମ୍ପତ୍ତି ଜବତ କରାଯାଇଥିବା ଏସ୍‌ପି କହିଛନ୍ତି। ଜବତ ସମ୍ପତ୍ତିକୁ ଏନ୍‌ଡିପିଏସ୍ ନିୟମ ଅନୁଯାୟୀ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ସେହିପରି ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପତ୍ତି ନେଇ ଖୋଳତାଡ଼ ଚାଲିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

## ବ୍ରାଉନସୁଗାର ସହ ଗାଡ଼ି ଜବତ, ଯୁବକ ଗିରଫ

ଅନୁଗୋଳ ଅଫିସ, ୧୫।୧

ଅନୁଗୋଳ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରି ଅମଲାପଡ଼ାର କାମାକ୍ଷା ପ୍ରସାଦ ସାହୁ(୨୨)ଙ୍କ ଠାରୁ ବ୍ରାଉନସୁଗାର ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ନଂ. ୫୫/୨୦ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ମଙ୍ଗଳବାର ବିଳମ୍ବିତ ରାତିରେ ଚଣ୍ଡିବଜାର ଛକରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ତାଳଚେରରୁ ବ୍ରାଉନ ସୁଗାର ଧରି ଏକ ବାଇକ୍(ନଂ. ଓଡି୧୯ଗି-୦୦୭୮)ରେ ଅନୁଗୋଳ ଆସୁଥିବା କମାକ୍ଷାଙ୍କୁ ଅଟକାଯାଇଥିଲା। ଜରିରେ ଗୁଡ଼ାହୋଇଥିବା ବ୍ରାଉନ ସୁଗାର ମିଳିବା ପରେ ତାଙ୍କୁ ଥାନାକୁ ଆଣି ଯାଞ୍ଚ କରାଯାଇଥିଲା। ୫.୪୯ ଗ୍ରାମ ବ୍ରାଉନ ସୁଗାର ସହ ତାଙ୍କ ନିକଟରୁ ୨,୮୧୦ ଟଙ୍କା ଜବତ କରାଯାଇଥିବା ଏସ୍‌ଆଇ ଯୁଗଳ ପ୍ରସାଦ ଦାସ ସୂଚନା ଦେଇଛନ୍ତି। ଏସ୍‌ଆଇ ଶଶି ଭୂଷଣ ବେହେରାଙ୍କ ଅଭିଯୋଗ ଆଧାରରେ ଏହି ଗିରଫଦାରି ହୋଇଥିବା ସୂଚନା ମିଳିଛି।

## ଯୁକୋ ପାର୍କ କେନାଲ ରାସ୍ତାରେ ବଢୁଛି ନିଶା କାରବାର

ବଅଁରପାଳ,୧୫।୧(ଡି.ଏନ.ଏ.)

ଅନୁଗୋଳସ୍ଥିତ ମୈତ୍ର ନଗରୀ ନିକଟ ଯୁକୋ ପାର୍କ କେନାଲ ରାସ୍ତାରେ ବଢିଚାଲିଛି ନିଶା କାରବାର। ପ୍ରତିଦିନ ସନ୍ଧ୍ୟାରେ କେତେଜଣ ଅସାମାଜିକ ଉକ୍ତ ରାସ୍ତାରେ ଆଡ୍ଡା ଜମାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ପାର୍କକୁ ଆସୁଥିବା ଜନସାଧାରଣ ଓ କଲେଜ ଛାତ୍ରୀଛାତ୍ର ନିଜକୁ ସୁରକ୍ଷିତ ମଣୁନାହାନ୍ତି। କେତେକ ଚୋରା ନିଶା ବ୍ୟବସାୟୀ ଏଠାରେ ସକ୍ରିୟ ଥିବାରୁ ସମ୍ପୃକ୍ତ ଅସାମାଜିକମାନେ ସ୍ୱଳ୍ପ ଅର୍ଥରେ ନିଶା ସାମଗ୍ରୀ କିଣି ଆଡ୍ଡା ଜମାଉଥିବା କୁହାଯାଉଛି। ଅନେକ ସମୟରେ ସମ୍ପୃକ୍ତ ନିଶାଶକ୍ତ ଯୁବକମାନେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନଜିର ରହିଛି। ଦୀର୍ଘଦିନ ଧରି ଏପରି ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିଥିଲେ ମଧ୍ୟ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି। ତୁରନ୍ତ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ଥାନା ଅଧିକାରୀ ରାମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଯଦି ସେହି ଅଞ୍ଚଳରେ ଏପରି ଅସାମାଜିକ କାର୍ଯ୍ୟକଳାପ ଚାଲିଥାଏ ସେଥିପ୍ରତି ଦୃଷ୍ଟି ଦିଆଯିବ। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ।

# ୨ ଦୁର୍ବୃତ୍ତ ଗିରଫ, ମାରଣାସ୍ତ୍ର ଜବତ

ତାଳଚେର,୧୫।୧(ନି.ପ୍ର.)



ତାଳଚେରର ବିଭିନ୍ନ ଅଞ୍ଚଳରେ ଚୋରି ମାମଲାରେ ଜଡ଼ିତ ଥିବା ଏକ ଲୁଟେରା ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଇଟିଆଇ ରୋଡ ନିକଟସ୍ଥ ବାଘୁଆବୋଲ ଗ୍ରାମର ବିକି ଓରଫ ବିକାଶ ନାଏକ(୨୦) ଏବଂ ସିପୁନ ନାଏକ(୧୯)। ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ଉଭୟଙ୍କ ଠାରୁ ଏକ କଟୁରି, ଭୁଜାଲି, ଖେଳଣା ପିସ୍ତଲ, ୨ଟି ବାଇକ୍, କଳାମୁଖା, ୨ଟି ଚୋରି ହୋଇଥିବା ମୋବାଇଲ, ଅନ୍ୟାନ୍ୟ ଚୋରି ସାମଗ୍ରୀ, ଫ୍ଲିପକାର୍ଟ ପାର୍ସଲ ଆଦି ଜବତ କରିଛି।

ପୋଲିସ କହିଛି, ଡିସେମ୍ବର ୨୯ରେ ହଳଦିଆକଟା ଢାବା ଏବଂ ଗୋଡ଼ିବନ୍ଧ ନିକଟରେ ଲୁଟ୍, ଡସେମ୍ବର ୧୨ରେ ଭରତପୁର ଛକରେ ଲୁଟ୍ ଓ ନନ୍ଦିରା ହନୁମାନ ମନ୍ଦିର ଛକରେ ଲୁଟ, ଜାନୁୟାରୀ ୨ରେ ତାଳଚେର-ଶିବରାମପୁର ଛକରେ ଲୁଟ୍, ଜାନୁୟାରୀ ୩ରେ ବଲଣ୍ଡା ଓ ଅନନ୍ତ ବିହାର ଠାରେ ଲୁଟ୍, କଣ୍ଟାବଣିଆ ଟାଟା ବିସିଏଲ୍ ନିକଟସ୍ଥ ଓଭରବ୍ରିଜ ଠାରେ ଲୁଟ୍, ଜାନୁୟାରୀ ୪ରେ ବହ୍ଲର ଶିବ ମନ୍ଦିର ପାଖରେ ପୋଷ୍ଟମ୍ୟାନ୍‌ଙ୍କୁ ଲୁଟ୍, ଜାନୁୟାରୀ ୫ରେ ବଲଣ୍ଡାଠାରେ ଲୁଟ, ଜାନୁୟାରୀ ୬ରେ ତାଳଚେର ତୁଙ୍ଗ ପେଟ୍ରୋଲ ପମ୍ପ ନିକଟରେ ଲୁଟ୍ ତଥା ଡକାୟତି ଘଟଣାରେ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ପୋଲିସ ପ୍ରକାଶ କରିଛି।

## ଫଟୋରେ ଖବର


ମକର ସଂକ୍ରାନ୍ତୀ ଅବସରରେ ଅନୁଗୋଳ ସହରରେ ଦୁଇଜଣ ପିଲା ଗୁଡ଼ି ଉଡ଼ାଇବାର ମଜା ନେଉଛନ୍ତି। (ଫଟୋ- ବୁବୁ)






# ଚଣ୍ଡିଖୋଲରୁ ଚୋରି ଟ୍ରକ୍ ଆଠମଲ୍ଲିକରୁ ଉଦ୍ଧାର

ଆଠମଲ୍ଲିକ,୧୫।୧(ଡି.ଏନ.ଏ.)

ଯାଜପୁର ଜିଲା ଚଣ୍ଡିଖୋଲ ଟୋଲଗେଟ୍ ନିକଟରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ବୁଧବାର ଅନୁଗୋଳ ଜିଲା ଆଠମଲ୍ଲିକ ପୋଲିସ ଉଦ୍ଧାର କରିଛି। ଏଥିସହ ଟ୍ରକ୍ ଚଳାଉଥିବା ଜଣେ ଦୁର୍ବୃତ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ପୋଲିସ କହିଛି, ପାରାଦୀପ ତୈଳ ବିଶୋଧନାଗାରରୁ ମଙ୍ଗଳବାର କୋଲକାତା ଅଭିମୁଖେ ଏକ ଟ୍ରକ୍ (ନଂ. ଓଡି୦୫ଏଏ-୮୪୭୨) ବାହାରିଥିଲା। ଚାଳକ ଚଣ୍ଡିଖୋଲ ଟୋଲଗେଟ୍‌ଠାରେ ଗାଡି ରଖି ଶୋଇଥିବା ବେଳେ ତାଙ୍କ ଗୋଡହାତ ବାନ୍ଧି ଡକାୟତମାନେ ଟ୍ରକ୍ ନେଇ ଫେରାର ହୋଇଯାଇଥିଲେ। ଗାଡ଼ି କୋଲକାତା ଆଡ଼କୁ ନ ଯାଇ ଅନୁଗୋଳ ଯାଉଥିବା ଜିପିଆର୍‌ଏସ୍ ବ୍ୟବସ୍ଥାରେ ଜାଣି ଗାଡ଼ି ମାଲିକ ତୁରନ୍ତ ଚଣ୍ଡିଖୋଲ ଥାନାକୁ ଜଣାଇଥିଲେ। ଖବରପାଇ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଟ୍ରକ୍‌କୁ ଟ୍ରାକିଂ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଆଠମଲ୍ଲିକ ଏସ୍‌ଡିପିଓ ଆଠମଲ୍ଲିକର ସମସ୍ତ ଥାନାକୁ ସଜାଗ କରିଥିଲେ। ଆଠମଲ୍ଲିକ ଥାନା ସବ୍‌ଇନ୍ସପେକ୍ଟର ଦେବଯାନୀ ଛତର, ଏଏସ୍‌ଆଇ ସନ୍ତୋଷ କୁମାର ସେଠୀ ପ୍ରମୁଖ ଗାନ୍ଧୀ ଛକ ନିକଟରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗାଡ଼ିଟି ଦ୍ରୁତଗତିରେ ପଳାଇଯିବାରୁ ପୋଲିସ ପିଛାକରି ଆଠମଲ୍ଲିକ-ମାଧପୁର ରାସ୍ତାରୁ ତାହାକୁ ଜବତ କରିଥିଲା। ପଚରାଉଚରା ବେଳେ ଆଉ ୩ ସହଯୋଗୀ ଥିବା ଅଟକ ଦୁର୍ବୃତ୍ତ ଜଣଙ୍କ ପୋଲିସକୁ କହିଛି। ଅଧିକ ତଦନ୍ତ ପାଇଁ ପୋଲିସ ଗାଡିମାଲିକକୁ ଅପେକ୍ଷା କରିଥିବା ସୂଚନା ଦେଇଛି।

## ଥାନା ଅଧିକାରୀ ସ୍ତରରେ ଅଦଳବଦଳ

ଅନୁଗୋଳ ଅଫିସ,୧୫।୧:

ଅନୁଗୋଳ ଜିଲା ଥାନା ଅଧିକାରୀସ୍ତରରେ ଅଦଳବଦଳ ହୋଇଛି। ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି ଅଦଳବଦଳରେ ପାଲଲହଡା ଥାନା ଅଧିକାରୀ କନକ ମାଝିଙ୍କ ଛେଣ୍ଡିପଦା ଥାନାକୁ ବଦଳି ହୋଇଛି। ସେହିପରି ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ତାଳଚେର ଥାନାକୁ ବଦଳି ହୋଇଛି। ଇନଭେଷ୍ଟିଗେଶନ ୱିଙ୍ଗସ୍ ତାଳଚେର ଏବଂ କୋଲିୟାରୀରେ ଥିବା ଇନ୍ସପେକ୍ଟର କିଶୋର କୁମାର ସାମଲଙ୍କୁ ପାଲଲହଡା ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ତାଳଚେର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଇନ୍ସପେକ୍ଟର ସୌଭାଗ୍ୟ ସାଇଁଙ୍କୁ ଅନୁଗୋଳ ଥାନାର ଅଣ୍ଡର ଇନଭେଷ୍ଟିଗେଶନ ୱିଙ୍ଗସ ଦାୟିତ୍ୱ ଦିଆଯାଇଛି। ସେହିପରି ସବଇନ୍ସପେକ୍ଟର ଦୀନକୃଷ୍ଣ ମିଶ୍ରଙ୍କୁ ଜରପଡା ଥାନାକୁ ବଦଳି କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ